ଧରିତ୍ରୀ DHARITRI
ବ୍ରହ୍ମପୁର, ରବିବାର, ୨୯ ଅଗଷ୍ଟ, ୨୦୨୧

## ସୁନା ଅଳଙ୍କାର, ଟଙ୍କା ଚୋରି ଅଭିଯୋଗ

କାଶୀନଗର,(ଡି.ଏନ.ଏ.): କାଶୀନଗର ଥାନା ଅନ୍ତର୍ଗତ ହାଡୁଭାଙ୍ଗି ଗ୍ରାମ ନିବାସୀ କେ. ଭାସ୍କର ରାଓଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଭାସ୍କର ସପରିବାର ସହ ଗତ ୨୫ରେ ସୋମପେଟା (ଆନ୍ଧ୍ର)କୁ ଏକ ବାହାଘର ଭୋଜିରେ ଯାଇଥିଲେ। ସେଠାରୁ ୨୭ରେ ନିଜ ବାସଭବନକୁ ଫେରି ଦେଖିଲା ବେଳକୁ ୨୧ ତୋଳା ସୁନା ଓ ନଗଦ ଏକ ଲକ୍ଷ ୧୦ ହଜାର ଟଙ୍କା ଓ ୫ଟି ଜୀବନ ବୀମା ପଲିସି ଚୋରି ହୋଇଥିଲା। ଏ ନେଇ ଭାସ୍କର କାଶୀନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୯୦/୨୧ରେ ମାମଲା ରୁଜୁ କରି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ଅନୁସନ୍ଧାନ କରି ଫେରିଛନ୍ତି।

## ସଂକ୍ଷେପରେ

### ଚକ୍ଷୁ ଚିକିତ୍ସା ଶିବିର

ଗଞ୍ଜାମ,୨୮।୮(ଡି.ଏନ.ଏ.): ଗଞ୍ଜାମ ସହର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଞ୍ଚ କାର୍ଯ୍ୟାଳୟରେ ଶୁକ୍ରବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୧୦ ଜଣଙ୍କ ମାଗଣା ଚକ୍ଷୁ ଚିକିତ୍ସା କରାଯାଇଛି। ଯେଉଁ ବ୍ୟକ୍ତିଙ୍କ ଆଖିରେ ପରଳ ଧରିଛି ସେମାନଙ୍କୁ ଶଙ୍କର ଚକ୍ଷୁ ଚିକିତ୍ସାଳୟ ନିଆଯାଇ ଟେଷ୍ଟ କରାଯିବା ପରେ ମାଗଣା ଅପରେଶନ କରାଯିବ। ଏଥିପାଇଁ ଦିନ ଧାର୍ଯ୍ୟ କରାଯିବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ମିଳିଛି। ସିନିୟର ଚକ୍ଷୁ ବିଶେଷଜ୍ଞ ଶୁଭମ୍ ପାଣିଗ୍ରାହୀ, ଆଶିଷ ସାହୁ, ଡାକ୍ତର ନିବେଦିତା ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା, ବୃନ୍ଦାବନ ପାଣିଗ୍ରାହୀ, ସମ୍ପାଦକ ଗୌରୀ ଶଙ୍କର ପାଢ଼ୀ, ଝଡିଆ ଦଳାଇ, ଯୁଧିଷ୍ଠିର ନନ୍ଦ, କିଶୋର ମହାପାତ୍ର, ମୋଚିରାମ ପଲେଇ ପ୍ରମୁଖ ବରିଷ୍ଠ ନାଗରିକମାନେ ପରିଚାଳନାରେ ସହଯୋଗ କରିଥିଲେ।

### ଦାବି ପୂରଣ ନ ହେଲେ ଷ୍ଟାଣ୍ଡକୁ ଯିବନି ବସ୍

ବୁଗୁଡ଼ା,୨୮।୮(ଡି.ଏନ.ଏ.):ବୁଗୁଡ଼ା ଏନ୍ଏସି ପକ୍ଷରୁ ନିର୍ମିତ ବସ୍‌ଷ୍ଟାଣ୍ଡ ପରିସରରେ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ନିମନ୍ତେ ଏକ ଗୃହ ଯୋଗାଇ ଦେବାକୁ ମାଲିକ ସଂଘ ପକ୍ଷରୁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିଲା। ଏନ୍ଏସି କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତି ଦେଇ ଆସୁଥିବାରୁ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ୨୦୧୭ ଜୁଲାଇ ୧୯ରେ ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହେବାଠାରୁ ମାଲିକ ସଂଘ ପକ୍ଷରୁ ବୁଗୁଡ଼ା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଭଞ୍ଜନଗର ଉପଜିଲାପାଳଙ୍କୁ ବହୁବାର ଅନୁରୋଧ କରାଯାଇ ଆସୁଛି। ଏନଏସି କର୍ତ୍ତୃପକ୍ଷ ଅତିରିକ୍ତ ଗୃହ ନିର୍ମାଣ ହେଲେ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ ନିମନ୍ତେ ଏକ ଗୃହ ଯୋଗାଇ ଦିଆଯିବ ବୋଲି କହିଥିଲେ। ତେବେ ନୂତନ ଭାବେ କିଛି ଗୃହ ନିର୍ମାଣ ସରିଥିଲେ ହେଁ ଏଯାଏ ଘର ଦେବାର ନାଁ ଗନ୍ଧ ଧରୁ ନ ଥିବା ମାଲିକ ସଂଘ ଅଭିଯୋଗ କରିଛି। ଏହାଛଡା ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ପ୍ରତୀକ୍ଷାଳୟ ଓ ବସ୍ କର୍ମଚାରୀଙ୍କ ପାଇଁ ବିଶ୍ରାମାଗାର ସୁବିଧା ନ ଥିବାରୁ ସମସ୍ତେ ହଟହଟା ହେଉଥିବା ବେଳେ ପାନୀୟ ଜଳର ମଧ ବ୍ୟବସ୍ଥା ନ ଥିବା ସଂଘ ଅଭିଯୋଗ କରିଛି। ତୁରନ୍ତ ଏ ସବୁ ଦାବି ପୂରଣ କରା ନ ଗଲେ ବସଷ୍ଟାଣ୍ଡ ଭିତରକୁ କୌଣସି ଘରୋଇ ବସ ଯିବ ନାହିଁ ବୋଲି ଘରୋଇ ବସ ମାଲିକ ସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ଦୋରା କହିଛନ୍ତି।

### ପ୍ରଥମ ଡୋଜ୍ ଟିକା ପାଇଁ ଲମ୍ବା ଧାଡ଼ି

ଆର.ଉଦୟଗିରି,୨୮।୮(ଡି.ଏନ.ଏ.): ମୋହନା ବ୍ଲକରେ କରୋନା ଟିକା ପ୍ରଥମ ଡୋଜ ନେବାକୁ ବିଭିନ୍ନ ସ୍ଥାନରେ ପ୍ରବଳ ସମାଗମ ହୋଇଛି। ଟିକା ନେବାକୁ ବର୍ତ୍ତମାନ ଲୋକମାନେ ଲମ୍ବାଲାଇନରେ ଠିଆ ହେବା ସହ କେତେକ ସ୍ଥାନରେ ଠେଲାପେଲା ଦେଖିବାକୁ ମିଳିଛି। ପୂର୍ବରୁ ଟିକା ନେବା ପାଇଁ ଗାଁ ଗହଳିରେ ଲୋକେ ନାପସନ୍ଦ କରୁଥିଲେ। କିନ୍ତୁ ସେଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ପ୍ରତ୍ୟେକ ଦିନ ୩୦୦ଶହରୁ ଊର୍ଦ୍ଧ୍ୱ ଲୋକ ଟିକା ନେବା ପାଇଁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ୪ ଦିନ ହେଲା କଲ୍ୟାଣ ମଣ୍ଡପ ନିକଟରେ ଟିକାକରଣ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜାରି ରହିଛି। ବର୍ତ୍ତମାନ ପ୍ରଶାସନ ଦିନକୁ ୨ଶହ ଜଣଙ୍କୁ ଟିକାଦେବାକୁ ଧାର୍ଯ୍ୟ କରିଥିବା ବେଳେ ବହୁ ସଂଖ୍ୟକ ଲୋକ ଟିକା ନେବାକୁ ଭିଡ ଜମାଉଛନ୍ତି। ମୋବାଇଲ ଟାୱାର ନ ଥିବାରୁ ଆଉ କେତେକ ଗ୍ରାମର ଲୋକେ ଟିକା ନେବାକୁ ପଞ୍ଜୀକରଣ କରି ପାରୁନାହାନ୍ତି। ମୋହନା ଡାକ୍ତରଖାନା ପରିସରରେ ଗୁରୁବାର ୪ଶହରୁ ଅଧିକ ଲୋକ ଟିକା ନେବାକୁ ଧାଡିରେ ଛିଡା ହୋଇଥିଲେ ହେଁ ମାତ୍ର ୨ଶହ ଜଣଙ୍କୁ ଟିକା ଦିଆଯାଇଥିଲା।

### କ୍ୟାଥଲିକ୍ ଚର୍ଚ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ

ଫୁଲବାଣୀ ଅଫିସ, ୨୮।୮: ଫୁଲବାଣୀ କ୍ୟାଥଲିକ୍ ଚର୍ଚ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ପତ୍ର ରାଜ୍ୟ ସରକାରଙ୍କୁ ଜିଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଛି। ୨୦୦୭ ଓ ୨୦୦୮ରେ ଜିଲାରେ ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା। ୬ ହଜାରରୁ ଊର୍ଦ୍ଧ୍ୱ ଘର ଜଳିପୋଡି ପାଉଁଶ ହୋଇଥିବା ବେଳେ ୩୦୦ ଚର୍ଚ୍ଚ ଭଙ୍ଗା ଯାଇଥିଲା। ଏଥିରେ ବହୁ ଧନଜୀବନ ହାନି ହୋଇଥିଲା। ସେଭଳି ଦଙ୍ଗାର ପୁନରାବୃତ୍ତି ଆଉ ନ ହେଉ। ଦଙ୍ଗାରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ତେଣୁ ତାହାକୁ ତୁରନ୍ତ ପ୍ରଦାନ କରାଯାଉ। ସଂଖ୍ୟାଲଘୁଙ୍କ ପାଇଁ କମିଶନ ଗଠନ କରିବା, ସେମାନଙ୍କ ବିକାଶ ପାଇଁ ଅଧିକ ଅର୍ଥ ବ୍ୟୟବରାଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମିଳୁନି କାମ

**ଛତ୍ରପୁର ବ୍ଲକ**

ଛତ୍ରପୁର,୨୮।୮(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଚାଲିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟକାରୀ କରି ଲୋକଙ୍କୁ କାମ ଯୋଗାଇବାରେ ଛତ୍ରପୁର ବ୍ଲକ ପଛରେ ରହିଛି। ଜିଲାରେ ୨୨ ବ୍ଲକ ରହିଥିବା ବେଳେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ଯୋଗାଇବାରେ ପଛରେ ପଡି ୨୨ ତମ ସ୍ଥାନରେ ରହିଛି । ଏମ୍‌ଜିଏନ୍‌ଆରଇଜିଏସ୍‌ର ଅଗ୍ରଗତି ନୈରାଶ୍ୟଜନକ ଥିବା ତତ୍କାଳୀନ ବିଡିଓଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । ପରେ ତାଙ୍କର ଏଠାରୁ ବଦଳି ହୋଇଯାଇଛି । ଭାରପ୍ରାପ୍ତ ବିଡିଓରେ ଏବେ କାମ ଚାଲିଛି। ଏଠାରେ ନୂଆ ନିଯୁକ୍ତି ଦିଆଯାଇନି। ଗ୍ରାମାଞ୍ଚଳ ଲୋକଙ୍କୁ ଏଥିରେ କାମ ଯୋଗାଇଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏପରିକି କରୋନା ସଂକ୍ରମଣ ଯୋଗୁ ବହୁ ଲୋକ କାମ ହରାଇଥିବା ବେଳେ ବିଭିନ୍ନ ରାଜ୍ୟରେ କାମ କରୁଥିବା ବହୁ ଲୋକ ମଧ ଗାଁକୁ ଫେରିଛନ୍ତି। କାମଧନ୍ଦା ନ ପାଇ ଲୋକଙ୍କ ଜୀବନ ଦୁର୍ବିଷହ ହୋଇପଡିଲାଣି । ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅଧିକରୁ ଅଧିକ କାମ ଯୋଗାଇ ଦେବା ନେଇ ଜିଲାପାଳ ବାରମ୍ବାର ନିର୍ଦ୍ଦେଶ ଦେଇଆସିଛନ୍ତି। ମାତ୍ର ଏହି ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ ମନିଟରିଂ କରୁଥିବା କର୍ମଚାରୀ ବର୍ଷ ବର୍ଷ ଧରି ଏଠାରେ ରହି କାମ କରୁଥିଲେ ହେଁ ଏହି ଯୋଜନାର ଅଗ୍ରଗତି ନୈରାଶ୍ୟଜନକ ରହିଛି। ଏପରିକି ଗଞ୍ଜାମର ସମସ୍ତ ବ୍ଲକ ତାଲିକାରେ ଛତ୍ରପୁର ବ୍ଲକ ଶେଷରେ ରହିଛି । ସରକାରୀ ତଥ୍ୟ ଅନୁସାରେ ଛତ୍ରପୁର ବ୍ଲକର ୨୫୭୦୮ ପରିବାର ଏହି ଯୋଜନାରେ ଜବକାର୍ଡ ପାଇଛନ୍ତି। ମାତ୍ର ଶନିବାର ସୁଦ୍ଧା ଏଥିରୁ ଏହି ବ୍ଲକର ୧୦୩୨୪ ପରିବାରଙ୍କୁ କାମ ମିଳିଥିବା ସରକାରୀ ତଥ୍ୟ କହୁଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୬୦୮୧୬୪ ଶ୍ରମଦିବସ ସୃଷ୍ଟି ହୋଇଛି । ଆହୁରି ଜଣାଯାଇଛି, ଏହି ଯୋଜନାରେ ୧୦୫ କାର୍ଯ୍ୟ ସରିଛି । ଆହୁରି ୧୮୩୪ ପ୍ରକଳ୍ପ କାମ ଚାଲିଥିବାବେଳେ ୨୬୩୭ ପ୍ରକଳ୍ପ କାମ ଆରମ୍ଭ ହୋଇ ନ ଥିବା ଜଣାପଡିଛି ।

## ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୨୮।୮(ଡି.ଏନ.ଏ.)

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରେ ଶନିବାର ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ବର୍ଷ ତମାମ ଭଞ୍ଜନଗର ବ୍ଲକରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ରତ୍ନମଞ୍ଜରୀ ପାଢ଼ୀ ଦୁର୍ଗାସ୍ତୋତ୍ର ପାଠ କରିଥିଲେ। ସଙ୍ଗଠକ ରଘୁନାଥ ପଣ୍ଡା, ଶିକ୍ଷାକେନ୍ଦ୍ର ସଭାପତି କୃତ୍ତିବାସ ବିଶ୍ୱାଳ, ସୀମାଞ୍ଚଳ ମହାରଣା, ରମେଶ ବେହେରା, ପ୍ରତିମା ମହାରଣା, ସୁନନ୍ଦା ବେହେରା, ଶ୍ରଦ୍ଧାକର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ମରୁଡ଼ି ଅଞ୍ଚଳ ଅନୁଧ୍ୟାନ କଲା ଭାଜପା ଟିମ୍

ଚିକିଟି/ଗଞ୍ଜାମ (ଡି.ଏନ.ଏ.)/ ଗୋପାଳପୁର,୨୮।୮



ମରୁଡି ଅଞ୍ଚଳ ଗସ୍ତ କରୁଛନ୍ତି ଭାଜପାର ରାଜ୍ୟସ୍ତରୀୟ ଟିମ୍।

ଚିକିଟି ନିର୍ବାଚନମଣ୍ଡଳୀ ଚିକିଟି ବ୍ଲକରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ମରୁଡି ପରିସ୍ଥିତିର ଅନୁଧ୍ୟାନ କରିବାକୁ ଭାଜପାର ରାଜ୍ୟ ସଭାପତି ସମିର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍‌ରେ ରାଜ୍ୟ ଭାଜପା ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଜ୍ୟ ଉପସଭାପତି ଭୃଗୁବକ୍ସି ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରାଜେଶ ସାହୁ, ଭଗବାନ ପଣ୍ଡା, ସତ୍ୟବାଦୀ ଚଇନି, ବିପଦ ଭଞ୍ଜନ ଦାସ ଉପସ୍ଥିତ ରହି ଚିକିଟି ବ୍ଲକର ଗିରିସୋଲା, ପିତାତଳି, ରାମଚନ୍ଦ୍ରପୁର ସମେତ ୧୭ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଗସ୍ତ କରି ଚାଷୀଙ୍କ ସହ ମରୁଡ଼ି ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଗଞ୍ଜାମ ଜିଲାର ଛତ୍ରପୁର, ଗୋପାଳପୁର, ଚିକିଟି ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମକୁ ଯାଇ ବୁଲି ଦେଖିଛନ୍ତି। ଅଧିକାଂଶ ଅଞ୍ଚଳରେ ୭୦ ଶତକଡ଼ା ଜମି ପଡ଼ିଆ ରହିଛି। ଆଉ ବଳକା ୩୦ ପ୍ରତିଶତ ରୁଆ ହୋଇଥିବା ଜମିଗୁଡ଼ିକ ଫାଟି ଆଁ ହୋଇଗଲାଣି। ଗତବର୍ଷ ମଧ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ ମରୁଡ଼ି ଘୋଷଣା ହୋଇପାରିଲା ନାହିଁ କିମ୍ବା ଆଜି ସୁଦ୍ଧା ଚାଷୀ ତା'ର କ୍ଷତିପୂରଣ ପାଇପାରିନାହିଁ। ସମୁଦାୟ ବ୍ଲକରେ ୮୧୩୭ ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଛି । ଆଉ ବଳକା ୧୬୨୩ ହେକ୍ଟର ଜମି ସମ୍ପୂର୍ଣ୍ଣ ବର୍ଷା ଉପରେ ନିର୍ଭର କରନ୍ତି। ଏଣୁ ଏହି ପରିପ୍ରେକ୍ଷୀରେ ଚିକିଟି ନିର୍ବାଚନ ମଣ୍ଡଳୀର ଚିକିଟି ଓ ପାତ୍ରପୁର ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଅଞ୍ଚଳ ଘୋଷଣା କରାଯାଉ ବୋଲି ଦାବି କରିଛନ୍ତି। ପିତାତଳି ମଣ୍ଡଳ ସଭାପତି ଏସ୍.ରେଣୁକେଶ୍ୱର ରାଓ, ଜିଲା ସାଧାରଣ ସମ୍ପାଦକ ୱାଇ.ମୋହନ ରାଓ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ଜିଲା ଯୁବମୋର୍ଚ୍ଚା ଉପସଭାପତି ଜଗମୋହନ ପାତ୍ର, ଗାନ୍ଧୀ ପାତ୍ର, କାଳିଆ ବେହେରା, ସୁନୀଲ ପାତ୍ର ଓ ଅନ୍ୟମାନେ ରଙ୍ଗେଇଲୁଣ୍ଡା ବ୍ଲକର ମରୁଡ଼ି ଅଞ୍ଚଳର ଅନୁଧ୍ୟାନ ବେଳେ ଉପସ୍ଥିତ ଥିଲେ।

## ସଂଘବଦ୍ଧ ଆକ୍ରମଣ ସହ ଲୁଟ : ୩ ଗିରଫ

ଆସିକା,୨୮।୮(ଡି.ଏନ.ଏ.): ଆସିକା ଥାନା ଗୋଲାପଲ୍ଲୀ ଛକ ନିକଟରେ ଅଟୋ ଆରୋହୀଙ୍କୁ ସଂଘବଦ୍ଧ ଆକ୍ରମଣ ଓ ଲୁଟ ଅଭିଯୋଗରେ ପୋଲିସ ଶନିବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋଲାପଲ୍ଲୀ ଗ୍ରାମର ସୁବାସ ପାତ୍ର, ଏନ. ଗୋପାଳ ପାତ୍ର ଓ ଏନ. ତୋଫାନ ପାତ୍ର । ଏଥିରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ପୋଲିସ ବ୍ରହ୍ମପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରିଛି। ଗତ ବୁଧବାର ରାତିରେ ଘଟକୁରୀ ଗ୍ରାମର କେତେକ ବ୍ୟକ୍ତି ଗୋଟିଏ ଅଟୋରେ ଆସିକା ବସ୍‌ଷ୍ଟାଣ୍ଡକୁ ଯାଉଥିଲେ। ଗୋଲାପଲ୍ଲୀ ନିକଟରେ ବାଇକରେ ଯାଉଥିବା ଜଣେ ଅଭିଯୁକ୍ତ ଅଟୋ ସମ୍ମୁଖରେ ହଠାତ୍ ବାଇକକୁ ରଖିଥିଲେ। ପରେ ବାଇକ ଆରୋହୀ ଏବଂ ତାଙ୍କ ସହଯୋଗୀମାନେ ଅଟୋରେ ବସିଥିବା ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ମାଡ ମାରିବା ସୁନା ଅଳଙ୍କାର ଲୁଟି ନେଇଥିଲେ।

## ଭଞ୍ଜନଗର ଅଞ୍ଚଳରେ ଲଘୁଚାପ ବର୍ଷା



ଭଞ୍ଜନଗର ଅଞ୍ଚଳରେ ବର୍ଷା ।

ଭଞ୍ଜନଗର,୨୮।୮(ଡି.ଏନ.ଏ.)

ବିଳମ୍ବରେ ହେଲେ ମଧ ବିଗତ ୪ଦିନ ହେବ ଭଞ୍ଜନଗର ଅଞ୍ଚଳରେ ଲଘୁଚାପ ପ୍ରଭାବରେ କିଛି ପରିମାଣର ବର୍ଷା ହୋଇଛି। ଏହାର ପ୍ରଭାବରେ ପଡ଼ିଆ ପଡ଼ିଥିବା କିଛି ଚାଷ ଜମିରେ ବର୍ତ୍ତମାନ ଧାନ ତଳି ଚାଷୀମାନେ ରୋଉଛନ୍ତି । କିନ୍ତୁ ଅଧିକାଂଶ ଚାଷୀଙ୍କ ତଳି ନଷ୍ଟ ହୋଇ ଯାଇଥିବା ଯୋଗୁ ଅନେକ ଜମି ପଡ଼ିଆ ରହିବ। ଶୁକ୍ରବାର ଭଞ୍ଜନଗର ଅଞ୍ଚଳରେ ୨୨ ମିଲି ମିଟର ବର୍ଷା ହୋଇଥିବା ବେଳେ ଶନିବାର ତା'ଠାରୁ ଅଧିକ ବର୍ଷା ହୋଇଥିବା ଅନୁମାନ କରାଯାଉଛି । ଶୁଖିଲା ପଡ଼ିଥିବା ଭଞ୍ଜନଗର ଜଳଭଣ୍ଡାରର ଜଳସ୍ତର କିଛି ପରିମାଣ ବୃଦ୍ଧି ପାଇଛି ।

## ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

ଗଞ୍ଜାମ,୨୮।୮(ଡି.ଏନ.ଏ.)



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ୟୁଥ୍ ଫର୍ ଭିଲେଜ୍ ସଦସ୍ୟ ଓ ଅଞ୍ଚଳବାସୀ।

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାସି ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଥିବାରୁ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇବା ସତ୍ତ୍ୱେ ପୋଇରାସି ଅଞ୍ଚଳର ବିଭିନ୍ନ ଗ୍ରାମରୁ ବହୁ ଗରିବ ଲୋକ ନିୟମିତ ବିଦ୍ୟୁତ୍ ଶୁଳ୍କ ପୈଠ କରୁଛନ୍ତି। ତଥାପି ବିଭାଗ ପକ୍ଷରୁ ଅଞ୍ଚଳରେ ବାରମ୍ବାର ଏପରିକି ଦିନ ଦିନ ଧରି ବିଦ୍ୟୁତ୍ ଯୋଗାଣ ବନ୍ଦ ରହୁଛି। ଫଳରେ ଛାତ୍ରୀଛାତ୍ରମାନଙ୍କୁ ପଢ଼ିବାରେ ଅସୁବିଧା ଓ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ବିଭିନ୍ନ ଗ୍ରାମରୁ ବହୁଥର ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ତେଣୁ ଅଞ୍ଚଳବାସୀ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ଅଗ୍ରଣୀ ସାମାଜିକ ଯୁବ ସଂଗଠନ ୟୁଥ୍ ଫର୍ ଭିଲେଜ୍ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ରମ୍ଭା ବିଭାଗର ବିଭାଗୀୟ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିବାକୁ ଯାଇଥିବା ବେଳେ କାର୍ଯ୍ୟାଳୟ ବନ୍ଦ ଯୋଗୁ ଫୋନ୍ ଦ୍ୱାରା ବିଭାଗୀୟ ଅଧିକାରୀ (ଏକଜନ), ଛତ୍ରପୁରଙ୍କ ଦୃଷ୍ଟି ଆକର୍ଷଣ ଓ ଡାକ ଦ୍ୱାରା ଗଞ୍ଜାମ ଜିଲାପାଳଙ୍କୁ ଅବଗତ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ୟୁଥ୍ ଫର୍ ଭିଲେଜ୍ ସଭାପତି ଚୈତନ୍ୟ ରେଡ୍ଡୀ, ସମ୍ପାଦକ ଦୀପକ ସାହୁଙ୍କ ସମେତ ବିଭିନ୍ନ ଗ୍ରାମରୁ ନିରାକାର ମହାରଣା, କୈଳାସ ସେଠୀ, ଡି. ଆରେୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଟଣାଓଟରା, ଅଭିଯୁକ୍ତ ଗିରଫ

ଆସିକା,୨୮।୮(ଡି.ଏନ.ଏ.)

ଆସିକା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଟଣାଓଟରା କରିବା ସହ ମାଡ଼ ମାରିବା ଅଭିଯୋଗରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ନାହାକ (୨୦)। ଏ ନେଇ ନଂ. ୫୩୫/୨୧ରେ ପୋଲିସ ମାମଲା ରୁଜୁ କରିଛି । ଗୁରୁବାର ସମ୍ପୃକ୍ତ ମହିଳା ଓ ତାଙ୍କ ମା' ଜମିରୁ ଧାନ ରୁଆ ସାରି ଫେରୁଥିଲା ବେଳେ ଅଭିଯୁକ୍ତ ଜଣକ ତାଙ୍କୁ ରାସ୍ତାରେ ଟଣାଓଟରା କରିବା ସହ ମାଡ଼ ମାରି ହତ୍ୟା ଧମକ ଦେଇଥିଲେ।

## ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର୍

ଆର.ଉଦୟଗିରି,୨୮।୮(ଡି.ଏନ.ଏ.)

ମୋହନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ୬୧୩ କେଜି ୧୫୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଗୋବିନ୍ଦପୁର ରାସ୍ତାରେ ଏକ ଭ୍ୟାନ ରାସ୍ତା ମଝିରେ ଅଟକାଇ ଅଭିଯୁକ୍ତ ଜଣକ ପୋଲିସକୁ ଦେଖି ଫେରାର୍ ହୋଇଯାଇଥିଲେ। ଗାଡ଼ିକୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏ ନେଇ ମୋହନା ଥାନାରେ ନଂ.୧୬୩/୨୧ରେ ମାମଲା ରୁଜୁ ହୋଇଛି।

## ଦାସକାଠିଆ ପାଇଁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ହିଞ୍ଜିଳିକାଟୁ,୨୮।୮(ଡି.ଏନ୍.ଏ.)



ରାଧାଶ୍ୟାମ ସାହୁ ଶର୍ମା।

ହିଞ୍ଜିଳିକାଟୁର ଜଣାଶୁଣା ବର୍ଷୀୟାନ୍ ଦାସକାଠିଆ କଳାକାର ରାଧାଶ୍ୟାମ ସାହୁ ଶର୍ମାଙ୍କୁ ଲୋକ ସଙ୍ଗୀତ-୨୦୧୯ ବର୍ଷ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏକାଡେମୀ ପୁରସ୍କାର ଶୁକ୍ରବାର ଘୋଷଣା ହୋଇଛି। ହିଞ୍ଜିଳିକାଟୁ ବ୍ଲକ ଖଣ୍ଡରା ଗ୍ରାମର ପ୍ରସିଦ୍ଧ ଦାସକାଠିଆ ଗୁରୁ ସ୍ୱର୍ଗତ ଗାୟକ ରତ୍ନ କୃଷ୍ଣଚନ୍ଦ୍ର ସାହୁଙ୍କ ପୁତ୍ର ରାଧାଶ୍ୟାମ ୧୨ ବର୍ଷ ବୟସରୁ ବାପାଙ୍କଠାରୁ ଦାସକାଠିଆ ଲୋକ ସଙ୍ଗୀତ ଓ ନୃତ୍ୟ ଶିକ୍ଷା କରିଥିଲେ। ଦୀର୍ଘ ଆଠ ପୁରୁଷ ଧରି ଖଣ୍ଡରା ସାହୁ ପରିବାର ସଦସ୍ୟ ଏହି କଳାକୁ ବଜାୟ ରଖିଛନ୍ତି। ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦାସକାଠିଆ ପରିବେଷଣ କରି ରାଧାଶ୍ୟାମ ଓଡ଼ିଶାର ଜଣେ ଜଣାଶୁଣା ଦାସକାଠିଆ କଳାକାର ଭାବେ ବେଶ୍ ନାମ କମାଇଛନ୍ତି। ଆକାଶବାଣୀ ଓ ଦୂରଦର୍ଶନର ସେ ନିୟମିତ କଳାକାର। ତାଙ୍କୁ ପୁରସ୍କାର ସ୍ୱରୂପ ଓଡ଼ିଶା ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ସହ ମାନପତ୍ର ଓ ନାମଫଳକ ପ୍ରଦାନ କରାଯିବ। ସାହୁ ଶର୍ମା ଏକାଡେମୀ ପୁରସ୍କାର ପାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ବର୍ଷୀୟାନ୍ କଳାକାରଙ୍କୁ ସଙ୍ଗୀତ ଏକାଡେମୀ ପୁରସ୍କାର ଫଳରେ ୧୭୮୫ରୁ ଖଣ୍ଡରା ସାହୁ ପରିବାର ସଦସ୍ୟଙ୍କ ଦାସକାଠିଆ ସଙ୍ଗୀତ ଓ ନୃତ୍ୟ ପ୍ରତି ଅବଦାନକୁ ଯଥାର୍ଥ ସ୍ୱୀକୃତି ମିଳିଛି ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋବିନ୍ଦ ପାଢ଼ୀ କହିଛନ୍ତି।

## ମିଳୁନି ମୋ ଉପକାରୀ ବଗିଚା ଟଙ୍କା



ଉପସ୍ଥିତ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା।

କବିସୂର୍ଯ୍ୟନଗର,୨୮।୮

ବଡ଼ମହୁରୀ ଗ୍ରାମପଞ୍ଚାୟତର ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନଙ୍କୁ ମୋ ଉପକାରୀ ବଗିଚାର ଟଙ୍କା ଦୀର୍ଘ ୧୦ମାସ ହେଲା ମିଳି ନ ଥିବା ଅଭିଯୋଗ ହୋଇଛି। କେତେଜଣ ତଳସ୍ତର ଅଧିକାରୀ ଏହି ଟଙ୍କାକୁ ଆତ୍ମସାତ୍ କରିଥିବା ସେମାନେ କହିଛନ୍ତି। ଏ ନେଇ ବାରମ୍ବାର ଗ୍ରାମର ସରପଞ୍ଚ, ଗ୍ରାମ ରୋଜଗାର ସେବକ ଓ ଏମ୍‌ବିକେ ଏବଂ ସିଆରପିଙ୍କୁ କହିଲେ ମଧ ଆମ ଉପରେ ବିରକ୍ତ ପ୍ରକାଶ କରନ୍ତି ଏବଂ କହନ୍ତି ଯାହାର ଯାହାର ଖାତାକୁ ଟଙ୍କା ଆସିନି ସମସ୍ତେ ୨ ହଜାର ଟଙ୍କା ଦିଅ ଅଫିସରଙ୍କୁ ଦେଇ ଶୀଘ୍ର ଟଙ୍କା ମିଳିବାର ବ୍ୟବସ୍ଥା କରିଦେବୁ। କିନ୍ତୁ ଆମେମାନେ ଗରିବ ମଜୁରିଆ, ଆର୍ଥିକ ଅବସ୍ଥା ଦୁର୍ବଳ ହେତୁ ଟଙ୍କା ମାଗିଥିବା ଅର୍ଥ ଦେଇପାରିଲୁ ନାହିଁ। ତେଣୁ ଆମ ଟଙ୍କାଙ୍କୁ ଆତ୍ମସାତ୍ କରାଯାଇଥିବା ନେଇ ସେମାନେ ବିଡିଓଙ୍କଠାରେ ଅଭିଯୋଗ କରିଛନ୍ତି। ଏହି ବିଷୟ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସୁଦେବ ନାୟକଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ହେଲା ନାହିଁ। ତେଣୁ ଶୀଘ୍ର ଆମର ପ୍ରାପ୍ୟ ଦିଆଯାଉ ଏବଂ ଏମ୍‌ବିକେ ଓ ସିଆରପିଙ୍କୁ କାର୍ଯ୍ୟରୁ ବହିଷ୍କାର କରନ୍ତୁ ନ ହେଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରିବା ସହିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଧାରଣା ଦେବୁ ବୋଲି ସେମାନେ କହିଛନ୍ତି। ଏ ବିଷୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ବାସୁଦେବ ନାୟକ ପ୍ରତିକ୍ରିୟା ରଖିଛନ୍ତି।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

**ଉତ୍ତ୍ୟକ୍ତ ଲୋକଙ୍କ ଡାକ୍ତରଖାନା ଘେରାଉ**

ପାରଳାଖେମୁଣ୍ଡି,୨୮।୮(ଡି.ଏନ୍.ଏ.)



ମେଡିକାଲ ପରିସରରେ ଉତ୍ତ୍ୟକ୍ତ ଗ୍ରାମବାସୀ।

ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା ଯୋଗୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ଉତ୍ତ୍ୟକ୍ତ ଲୋକମାନେ ୬ ଘଣ୍ଟା ଧରି ଡାକ୍ତରଖାନାକୁ ଘେରାଉ କରିଥିଲେ। ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ପ୍ରକାଶ ପାଇବା ସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପାରଳାଖେମୁଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୬୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଶୁକ୍ରବାର ମଧ୍ୟରାତ୍ରରେ ପାରଳାଖେମୁଣ୍ଡି ନାଇଡୁସାହିର ନାଙ୍କା ଲକ୍ଷ୍ମଣ ରାଓଙ୍କ ପେଟରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେତେବେଳେ ଡାକ୍ତରଖାନାରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଶାନ୍ତନୁ କୁମାର ପାଢୀ ଡ୍ୟୁଟିରେ ଥିଲେ । ରୋଗୀଙ୍କୁ ସେ ଔଷଧ ଦେଇ ଚାଲିଯାଇଥିଲେ। ତେବେ ଲକ୍ଷ୍ମଣଙ୍କ ପେଟ ବ୍ୟଥା କମି ନ ଥିବାରୁ ତାଙ୍କ ପୁତୁରା ନାଙ୍କା ଚିନ୍ନା ରାଓ (୨୬) ପୁଣି ଡାକ୍ତର ଶାନ୍ତନୁଙ୍କୁ ଡାକିବା ପାଇଁ ଯାଇଥିଲେ ମଧ ଡାକ୍ତର ଜଣକ ଖାମଖିଆଲି ଭାବେ ଔଷଧକୁ ଜଣେ ଜଗୁଆଳିଙ୍କ ହାତରେ ପଠାଇ ଦେଇଥିଲେ। କିନ୍ତୁ ଜଗୁଆଳି ଆଣିଥିବା ଔଷଧ ଖାଇ ମଧ ଲକ୍ଷ୍ମଣଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାର ଆସିନଥିଲା। ଏଥିପାଇଁ ଚିନ୍ନା ରାଓ ପୁଣି ଡାକ୍ତରଙ୍କୁ ଡାକିବାକୁ ଯାଇଥିଲେ । ହେଲେ ସେତେବେଳେ ଡାକ୍ତର ଜଣକ ନିଜ କକ୍ଷର କବାଟ ଖୋଲିଲେ ନାହିଁ କି କୌଣସି ଉତ୍ତର ଦେଲେ ନାହିଁ । ଅନ୍ୟପଟେ ଯନ୍ତ୍ରଣା ସହ୍ୟ କରି ନ ପାରି ଲକ୍ଷ୍ମଣଙ୍କ ଶନିବାର ସକାଳ ୭ଟାରେ ମୃତ୍ୟୁ ଘଟିଥିଲା। ଏ ନେଇ ନାଇଡୁସାହି ବାସିନ୍ଦାଙ୍କ ସମେତ ଶତାଧିକ ଲୋକ ଚିକିତ୍ସାରେ ଅବହେଳା କରିଥିବାର ଅଭିଯୋଗ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପଶି ଡାକ୍ତର ପାଢୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଧାରଣା ଦେଇଥିଲେ। ପାରଳାଖେମୁଣ୍ଡି ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ କେହି ଶୁଣି ନଥିଲେ। ଶେଷରେ ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି, ତହସିଲଦାର ଅଚ୍ୟୁତାନନ୍ଦ ଜାନୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର ପହଞ୍ଚି ଲୋକଙ୍କୁ ବହୁ ବୁଝାଶୁଝା କରିବା ସହ ସେମାନଙ୍କ ଦାବିକୁ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଲୋକେ ଶାନ୍ତ ପଡ଼ିଥିଲେ।

